# NATIONAL NEWS BULLETIN (ODIA)

**22 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

- କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଓ ଜୀବନରେଖା ବୋଲି କହିଲେ କୃଷି ଓ କୃଷକ କଲ୍ୟାଣମନ୍ତ୍ରୀ

- ଶିକ୍ଷାକ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ନୂତନ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରାଯାଇଥିବା ନେଇ ସୂଚନାଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- ଭାରତ-ଜାପାନ ମିଳିତ ସାମରିକ ଅଭ୍ୟାସରେ ଯୋଗଦେବା ପାଇଁ ଆଜି ଜାପାନ ଗସ୍ତରେ ଗଲେ ଭାରତୀୟ ଯବାନ

ଏବଂ

- ଆଇସିସି ଚାମ୍ପିୟାନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟରେ ଆଉ କିଛି ସମୟ ପରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ ମ୍ୟାଚ୍

---

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୯ତମ ସଂସ୍କରଣ ।

ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ଆଠଟାରେ ଆଞ୍ଚଳିକ ଭାଷାନ୍ତରତାର ପୁନଃ ପ୍ରସାରଣ କରାଯିବ ।

---

# ପିଏମ୍ ମରିସସ୍ ଗେଷ୍ଟ ଅଫ୍ ଅନର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମାସରେ ମରିସସ୍‌ର ୫୭ତମ ଜାତୀୟ ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ । ମରିସସ୍‌ର ପ୍ରଧାନମନ୍ତ୍ରୀ ନବୀନ ରାମଗୁଲାମ ସେ ଦେଶର ସଂସଦକୁ ସମ୍ବୋଧିତ କରି ଏହି ଘୋଷଣା କରିଛନ୍ତି । ଶ୍ରୀ ରାମଗୁଲାମ କହିଛନ୍ତି ଯେ, ମରିସସ୍ ପାଇଁ ଏପରି ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଆତିଥ୍ୟ ଦେବା ଏକ ସୌଭାଗ୍ୟ । ଭାରତ ଏବଂ ମରିସସ୍ ମଧ୍ୟରେ ଦୃଢ଼ ଓ ସ୍ଥାୟୀ ସମ୍ପର୍କକୁ ମଜବୁତ କରିବାରେ ଶ୍ରୀ ମୋଦୀଙ୍କ ଉପସ୍ଥିତି ବିଶେଷ ସହାୟକ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ଶ୍ରୀ ରାମଗୁଲାମ ଆହୁରି କହିଛନ୍ତି ଯେ, ତାଙ୍କର ପ୍ରସ୍ତାବ କ୍ରମେ ଶ୍ରୀ ମୋଦୀ ସ୍ୱତନ୍ତ୍ର ଅତିଥି ହେବାକୁ ସମ୍ମତି ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିକଟରେ ପ୍ୟାରିସ୍

ଏବଂ ଆମେରିକା ଗସ୍ତ ଶେଷ କରିବା ପରେ  ମରିସସ୍ ସହିତ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ଲକ୍ଷ୍ୟ ନେଇ ସେଠାକୁ ଗସ୍ତରେ ଯିବେ । ୧୯୬୮ ମସିହାରେ ବ୍ରିଟିଶ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତାର ବାର୍ଷିକୀ ପାଳନ ସ୍ୱରୂପ ମରିସସ୍ ପ୍ରତିବର୍ଷ ମାର୍ଚ୍ଚ ୧୨ ତାରିଖରେ ଏହାର ଜାତୀୟ ଦିବସକୁ ପାଳନ କରିଆସୁଛି ।

ସୂଚନାଯୋଗ୍ୟ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତବର୍ଷ ମରିସସ୍‌ର ଜାତୀୟ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

## ଚୌହାନ-ଫାର୍ମ

କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଓ ଜୀବନରେଖା ବୋଲି କୃଷି ଓ କୃଷକ କଲ୍ୟାଣମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ନୂଆଦିଲ୍ଲୀଠାରେ ପୁଷା କୃଷି ବିଜ୍ଞାନମେଳା ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ଚୌହାନ ଏହା କହିଛନ୍ତି । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ସରକାର କୃଷିକ୍ଷେତ୍ର ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି :

**V/O**

୩ ଦିନ ଧରି ଚାଲିବାକୁ ଥିବା ଏହି ମେଳାର ବିଷୟବସ୍ତୁ ରହିଛି **ଉନ୍ନତ କୃଷି-ବିକଶିତ ଭାରତ** । ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ଦ୍ୱାରା ବିକଶିତ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରଦର୍ଶନୀ ଚଳିତବର୍ଷର ଏହି ମେଳାର ମୁଖ୍ୟ ଆକର୍ଷଣ । ଜଳବାୟୁ ସହନଶୀଳ କୃଷି, ଫସଲ ବିବିଧତା, କୃଷିକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ,  ଯୁବ ଓ ମହିଳାବର୍ଗଙ୍କ ପାଇଁ ଉଦ୍ୟୋଗ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଏହି ମେଳାରେ ଅଧିବେଶନ ତଥା ଆଲୋଚନାଚକ୍ର ଆୟୋଜିତ ହେବାର

କାର୍ଯ୍ୟସୂଚୀ ରହିଛି । କୃଷକଙ୍କୁ ଏହି ଅବସରରେ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି ।

## ପ୍ରଧାନ-ଡିୟୁ କନ୍‌ଭୋକେସନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଶିକ୍ଷାକ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ନୂତନ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରାଯାଇଛି । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୧୦୧ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି ୨୦୨୦କୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯିବ । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ଯୁବବର୍ଗଙ୍କର ଯୋଗଦାନକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି :

**V/O**

ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ପାଇଁ ଶ୍ରୀ ପ୍ରଧାନ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିବା ସହିତ ଆଗାମୀ ବର୍ଷରେ ଦିଲ୍ଲୀକୁ ଏକ ଜ୍ଞାନକେନ୍ଦ୍ରରେ ପରିଣତ କରିବା ଦିଗରେ ଏହା ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

## ଇଣ୍ଡିଆ-ଜାପାନ ମିଲିଟାରୀ ଏକ୍ସରସାଇଜ୍

ଭାରତ-ଜାପାନ ମିଳିତ ସାମରିକ ଅଭ୍ୟାସର ଷଷ୍ଠ ସଂସ୍କରଣ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ । ଜାପାନର ଇଷ୍ଟ୍ ଫୁଜି ମନୁଆଭର

ଅଭ୍ୟାସ ଅଞ୍ଚଳରେ ଅନୁଷ୍ଠିତ ହେବାକୁ ଥିବା ଏହି ସାମରିକ କାର୍ଯ୍ୟକ୍ରମ ଆସନ୍ତାମାସ ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏଥିରେ ଅଂଶ ଗ୍ରହଣ କରିବା ଲାଗି  ଭାରତରୁ ୧୨୦ ଜଣ ଯବାନ ଆଜି ଜାପାନ ଗସ୍ତରେ ଯାଇଛନ୍ତି । ମିଳିତ ଜାତିସଂଘର ନିର୍ଦ୍ଦେଶ ଅନୁଯାୟୀ  ଆତଙ୍କବାଦ ବିରୋଧୀ ଅଭିଯାନ ନଥା ସୁରକ୍ଷା କ୍ଷେତ୍ରରେ ଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ଦୁଇସେନା ମଧ୍ୟରେ ପାରସ୍ପରିକ ସଂପର୍କ ବୃଦ୍ଧି ଲକ୍ଷ୍ୟ ନେଇ ଏହି ସାମରିକ ଅଭ୍ୟାସର ଆୟୋଜନ କରାଯାଉଛି । ଉଚ୍ଚସ୍ତରରର ଶରୀରିକ ସୁସ୍ଥତା, ସହଭାଗୀ ଯୋଜନା ଏବଂ ମିଳିତ ରଣକୌଶଳ ଅଭ୍ୟାସ ଉପରେ ଏଥିରେ ଗୁରୁତ୍ୱ ପ୍ରଦାନ କରାଯିବ । ଭାରତ ଓ ଜାପାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗକୁ ଏହା ଅଧିକ ସୁଦୃଢ଼ କରିବା ନେଇ ଆଶା କରାଯାଉଛି ।

ଏହି ଅଭ୍ୟାସର ଶେଷ ସଂସ୍କରଣ ଗତବର୍ଷ ରାଜସ୍ଥାନରେ ଅନୁଷ୍ଠିତ ହୋଇଥିଲା ।

## ଭିପି-ଛତ୍ରପତି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜିଠାରୁ ଦିନିକିଆ ଗସ୍ତରେ ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗର ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ସମୟରେ ଉପରାଷ୍ଟ୍ରପତି ମହାରାଷ୍ଟ୍ରର ଛାତ୍ରପତି ସମ୍ଭାଜୀନଗରସ୍ଥିତ ଡକ୍ଟର ବାବାସାହେବ ଆମ୍ବେଦକର ମରାଠାୱାଡା ବିଶ୍ୱବିଦ୍ୟାଳୟର ୬୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ଏଥିସହିତ ଶ୍ରୀ ଧନଖଡ଼ ମଧ ସରସ୍ୱତୀ ଭୁବନ ମହାବିଦ୍ୟାଳୟର ସମ୍ବିଧାନ ସଚେତନତା ବର୍ଷ ତଥା ଅମୃତ ମହୋତ୍ସବର ଉଦ୍‌ଘାଟନ କରିବେ ।

ଉପରାଷ୍ଟ୍ରପତି **ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ** ଅନ୍ତର୍ଗତ ୪ଟି ନୂତନ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏତଦ୍‌ବ୍ୟତୀତ ଶ୍ରୀ ଧନଖଡ଼ ଗ୍ରୀଷ୍ଣେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଏଲୋରା ଗୁମ୍ଫାକୁ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମହାକୁମ୍ଭ

ମହାକୁମ୍ଭ ମେଳାରେ ଆସନ୍ତା ୨୬ ତାରିଖ ମହାଶିବରାତ୍ରୀ ପାଳନ ଅବସରରେ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ କରାଯାଇଛି । ପ୍ରୟାଗରାଜସ୍ଥିତ ସ୍ୱରୂପରାଣୀ ନେହେରୁ ହସ୍ପିଟାଲଠାରେ ଆଇସିୟୁ ଶଯ୍ୟାସଂଖ୍ୟା ୧୪୭କୁ ବୃଦ୍ଧି କରାଯାଇଛି । ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନ ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ମହାକୁମ୍ଭ ମେଳାରେ ଯୋଗଦେଉଥିବା ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସୁବିଧା ଯୋଗାଇ ଦେବା ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଯେକୌଣସି ଜରୁରୀକାଳୀନ ଚିକିତ୍ସା ପରିସ୍ଥିତିର ମୁକାବିଲା କରିବାରେ ଏହି ପଦକ୍ଷେପ ପ୍ରଭାବଶାଳୀ ହେବ ବୋଲି ଆଶା କରାଯାଇଛି । ଟ୍ରମା କେୟାର ଏବଂ ଭେଣ୍ଟିଲେଟରର ସୁବିଧା ସହିତ ଅହୋରାତ୍ର ସ୍ୱାସ୍ଥ୍ୟସେବା ପ୍ରଦାନରର ବ୍ୟବସ୍ଥା ହୋଇଛି । ଜରୁରୀକାଳୀନ ଡାକ୍ତରୀ ଦଳଙ୍କୁ ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ସଜାଗ ରଖାଯାଇଛି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

# ଗୋୟଲ୍-ଜାପାନ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଜାପାନ ଏକ ପ୍ରମୁଖ ସହଯୋଗୀ ଏବଂ ବିଦେଶୀ ପୁଞ୍ଜି ନିବେଶର ପଞ୍ଚମ ସର୍ବବୃହତ ଉତ୍ସ ଭାବେ ଉଭା ହୋଇଛି । ନୂଆଦିଲ୍ଲୀରେ ଗତକାଲି ଭାରତ-ଜାପାନ ଅର୍ଥନୀତି ଏବଂ ନିବେଶ ମଞ୍ଚକୁ ସମ୍ବୋଧିତ କରି ଶ୍ରୀ ଗୋୟଲ କହିଛନ୍ତି ୨୦୦୦ରୁ ୨୦୨୪ ମଧ୍ୟରେ ଜାପାନର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ୪୩ ବିଲିୟନ ଡଲାର ଅତିକ୍ରମ କରିଛନ୍ତି । ଶ୍ରୀ ଗୋୟଲ ଆହୁରି କହିଛନ୍ତି ଯେ ଭାରତ ଏବଂ ଜାପାନ ମଧ୍ୟରେ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ରଣନୈତିକ ଭାଗିଦାରୀ ରହିଛି ଏବଂ ଏହାର ମୂଳଦୁଆ ଭାଇଚାରା, ଗଣତନ୍ତ୍ର, ସଂସ୍କୃତି ଏବଂ ଆର୍ଥିକ ସହଯୋଗ ଉପରେ ଆଧାରିତ ।

# କ୍ରିକେଟ୍

ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ବି ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ । ପାକିସ୍ତାନର ଲାହୋର ସ୍ଥିତ ଗଦାଫି ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଆଫ୍‌ଗାନିସ୍ତାନକୁ ୧୦୭ରନ୍‌ରେ ପରାସ୍ତ କରିଛି ।

# ଏଫ୍‌ଆଇଏଚ୍-ହକି

ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍ ପ୍ରତିଯୋଗିତାର ପୁରୁଷ ବର୍ଗରେ ଆଜି ଭାରତ ଓ ଆୟାରଲ୍ୟାଣ୍ଡ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ମ୍ୟାଚ୍ ଖେଳାଯିବ ।

ଭାରତ ଗତକାଲିର ମ୍ୟାଚ୍‌ରେ ବିଜୟୀ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆୟାର୍‌ଲାଣ୍ଡକୁ ଭାରତ ୩-୧ ଗୋଲ୍‌ରେ ପରାସ୍ତ କରିଛି ।

ଅନ୍ୟ ପକ୍ଷରେ ମହିଳା ବର୍ଗରେ ଭାରତ ଓ ଜର୍ମାନୀ ମଧ୍ୟରେ ଆଜି ଅପରାହ୍ଣ ୫ଟା ୧୫ ମିନିଟ୍‌ରେ କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ । ଗତକାଲିର ମ୍ୟାଚ୍‌ରେ ଭାରତ' ଜର୍ମାନୀଠାରୁ ପରାସ୍ତ ହୋଇଥିଲା ।